f prameyaodia  prameyaodia  www.prameya.com

RNI REGD NO: ODIODI/2011/37619 - POSTAL REGD NO: BN/208/18-20

ପ୍ରମେୟ
THE PRAMEYA

VOLUME 9 • ISSUE 309    ବର୍ଷ ୯ • ସଂଖ୍ୟା ୩୦୯

PRINTED AT BHUBANESWAR SAMBALPUR PANIKOILI    12 MARCH 2020 • THURSDAY    ୧୨ ମାର୍ଚ୍ଚ ୨୦୨୦ • ଗୁରୁବାର    • 20 PAGES    ₹5.00




# ବିଜିୟୁ ପକ୍ଷରୁ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର,୧୧।୩(ବ୍ୟୁରୋ): ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ) ପକ୍ଷରୁ 'ଡିସିସନ୍ ସାଇନ୍ସ ଆଣ୍ଡ୍ ଅପରେସନ୍ସ ମ୍ୟାନେଜନେଣ୍ଟ' ସଂକ୍ରାନ୍ତ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପ୍ରଫେସର, ଗବେଷକ, ଉଦ୍ୟୋଗପତି ଏବଂ ବୁଦ୍ଧିଜୀବୀମାନେ ବ୍ୟବସାୟ କ୍ଷେତ୍ରରେ ଡିସିସନ ସାଇନ୍ସ ଏବଂ ଅପରେସନ୍ସ ମ୍ୟାନେଜମେଣ୍ଟର ବିଭିନ୍ନ ଦିଗ ଓ ଏହାର ଉପାଦେୟତା ଉପରେ ଆଲୋଚନା କରିଥିଲେ । ଗୁଜରାଟ ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଆଦାନି ଗ୍ୟାସ୍‌ର ସ୍ୱାଧୀନ ନିର୍ଦ୍ଦେଶକ ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଆଇଆଇଆଇଟି, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଗୋପାଳକୃଷ୍ଣ ନାୟକ, ସମ୍ମାନିତ ଅତିଥି ଭାବେ, ବିଜିୟୁ କୁଳପତି ପ୍ରଫେସର ସୁଧାକର ପଣ୍ଡା, ଡିନ୍, ବିର୍ଲ୍ଲା ସ୍କୁଲ ଅଫ୍ ମ୍ୟାନେଜନେଣ୍ଟ, ଡ. ପି. ନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ସାହୁ କର୍ପୋରେଟ ଇକୋ ସିଷ୍ଟମ ଉପରେ ଆଲୋଚନା କରିଥିଲେ । ସମ୍ମିଳନୀର ସଂଯୋଜକ ଡ. ମଣିଦତ୍ତ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଏହାର ବିଷୟବସ୍ତୁ ସହିତ ପରିଚିତ କରାଇଥିଲେ । ଡ. ପ୍ରଦୀପ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ ।



୧୨ରେ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ ନିର୍ମଳା |୧୦

# ଓଡ଼ିଶା ଭାସ୍କର

ODISHA BHASKAR

ଜନସାଧାରଣଙ୍କ ସ୍ୱର

facebook.com/odishabhaskar
twitter.com/odishabhaskar
Google Play | App Store



୧୨ |ଆଜିଠୁ ଭାରତ-ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜ୍

RNI Regd. No.ORI ORI 2004/12956 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ସପ୍ତଦଶ ବର୍ଷ ସଂଖ୍ୟା-୧ | Vol. 17 No-1 | 12 MARCH 2020 THURSDAY BHUBANESWAR | ଗୁରୁବାର, ମାର୍ଚ୍ଚ ୧୨, ୨୦୨୦ | ପୃଷ୍ଠା : ୧୨ | ମୂଲ୍ୟ:୩.୦୦


# ବିଜିୟୁ ପକ୍ଷରୁ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର,(ଆ.ପ୍ର): ବିର୍ଲା ଗ୍ଲୋବାଲ ୟୁନିଭରସିଟି ପକ୍ଷରୁ ଡିସିସନ୍ ସାଇନ୍ସ ଆଣ୍ଡ୍ ଅପରେଶନ ମ୍ୟାନେଜନେଣ୍ଟ ସମ୍ପର୍କୀତ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପ୍ରଫେସର, ରିସର୍ଚ୍ଚର, ଉଦ୍ୟୋଗପତି ଏବଂ ବୁଦ୍ଧିଜୀବି ମାନେ ଏକାଠି ହୋଇ ବ୍ୟବସାୟ କ୍ଷେତ୍ରରେ ଡିସିସନ ସାଇନ୍ସ ଏବଂ ଅପରେଶନ୍ସ ମ୍ୟାନେଜମେଣ୍ଟର ବିଭିନ୍ନ ଦିଗ ଓ ଏହାର ଉପାଦେୟତା ଉପରେ ଆଲୋଚନା କରିଥିଲେ । ମହେଶ୍ୱର ସାହୁ (ଅବସରପ୍ରାପ୍ତ ଆଇ.ଏ.ଏସ୍), ପୂର୍ବତନ ଅତିରିକ୍ତ ମୁଖ୍ୟ ଶାଶନ ସଚିବ, ଗୁଜୁରାଟ ସରକାର ତଥା ଅଦାନୀ ଗ୍ୟାସର ଇଣ୍ଡିପେଣ୍ଡେଟ ଡାଇରେକ୍ଟର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଆଇଆଇଆଇଟି, ଭୁବନେଶ୍ୱରର ଡାଇରେକ୍ଟର ପ୍ରଫେସର ଗୋପାଳ କ୍ରିଷ୍ଣା ନାୟକ, ସମ୍ମାନୀତ ଅତିଥି ରୂପେ, ବିଜିୟୁ କୁଳପତି, ପ୍ରଫେସର ସୁଧାକର ପଣ୍ଡା, ଡିନ୍, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜନେଣ୍ଟ, ଡଃ ପି. ନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ମୁଖ୍ୟ ଭାଷଣରେ ମୁଖ୍ୟ ଅତିଥି ଶ୍ରୀ ସାହୁ କର୍ପୋରେଟ ଇକୋ ସିଷ୍ଟମ ଉପରେ ଆଲୋଚନା କରିଥିଲେ । ଶ୍ରୀ ନାୟକ ଦେଶର ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକର ଟେକ୍ନୋଲଜି, ରିସର୍ଚ୍ଚ ଏବଂ ବିକାଶର ଭୂମିକା ଉପରେ ଆଲୋକପାତ କରିଥିଲେ । ସେ ଅନ୍ତରାଷ୍ଟ୍ରୀୟ ପ୍ରତିଯୋଗିତା ନିମନ୍ତେ ଭାରତୀୟ ଉଦ୍ୟୋଗ ଗୁଡିକର ଦୃଷ୍ଟିକୋଣ ଉପରେ ଆବଶ୍ୟକୀୟ ନିତୀ ଗୁଡିକ ଉପରେ ନିଜର ମତବ୍ୟକ୍ତ କରିଥିଲେ । ଡଃ ସୁଧାକର ପଣ୍ଡା ଏହିପରି ଜାତୀୟ ସମ୍ମିଳନୀର ମହତ୍ୱ ଏବଂ ଛାତ୍ରଛାତ୍ରୀମାନଙ୍କୁ ଏହାର ଉତ୍ତମ ଉପଯୋଗ କରିବାକୁ ଉପଦେଶ ଦେଇଥିଲେ । ଡଃ ପରମେଶ୍ୱର ନାୟକ ବ୍ୟବସାୟିକ ବିକାଶ ଉପରେ ଅପରେଶନ ମ୍ୟାନେଜମେଣ୍ଟର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ସମ୍ମିଳନୀର ସଂଯୋଜକ ଡଃ ମଣିଦତ୍ତ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଏହାର ବିଷୟବସ୍ତୁ ସହ ପରିଚିତ କରାଇଥିଲେ । ଡଃ ପ୍ରଦୀପ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଚତୁର୍ବିଂଶ ବର୍ଷ
ସଂଖ୍ୟା : ୧୫୨
୧୯୪୧ ଶକାବ୍ଦ
ତିଥି : ତୃତୀୟା
୧୨ ମାର୍ଚ୍ଚ ୨୦୨୦, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା-୧୬, ମୂଲ୍ୟ- ଟ.୪.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIV, No. 152
12 March 2020, Thursday
Bhubaneswar
Price: 4.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଡିସିସନ୍ ସାଇନ୍ସ ଆଣ୍ଡ୍ ଅପରେଶନ ମ୍ୟାନେଜମେଣ୍ଟ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ) : ବିର୍ଲା ଗ୍ଲୋବାଲ ୟୁନିଭରସିଟି ପକ୍ଷରୁ ଡିସିସନ୍ ସାଇନ୍ସ ଆଣ୍ଡ୍ ଅପରେଶନ ମ୍ୟାନେଜମେଣ୍ଟ ସମ୍ପର୍କୀତ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପ୍ରଫେସର, ରିସର୍ଚ୍ଚର, ଉଦ୍ୟୋଗପତି ଏବଂ ବୁଦ୍ଧିଜୀବି ମାନେ ଏକାଠି ହୋଇ ବ୍ୟବସାୟ କ୍ଷେତ୍ରରେ ଡିସିସନ ସାଇନ୍ସ ଏବଂ ଅପରେଶନ୍ସ ମ୍ୟାନେଜମେଣ୍ଟର ବିଭିନ୍ନ ଦିଗ ଓ ଏହାର ଉପାଦେୟତା ଉପରେ ଆଲୋଚନା କରିଥିଲେ। ଆଦାନୀ ଗ୍ୟାସ୍‌ର ଇଣ୍ଡିପେଣ୍ଡେଟ୍ ଡାଇରେକ୍ଟର ମହେଶ୍ୱର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଆଇଆଇଆଇଟି, ଭୁବନେଶ୍ୱରର ଡାଇରେକ୍ଟର ପ୍ରଫେସର ଗୋପାଳ କ୍ରିଷ୍ଣା ନାୟକ, ସମ୍ମାନୀତ ଅତିଥି ରୂପେ, ବିଜିୟୁ କୁଳପତି, ପ୍ରଫେସର ସୁଧାକର ପଣ୍ଡା, ଡିନ୍, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜନେ, ଡଃ ପି. ନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ କର୍ପୋରେଟ ଇକୋ ସିଷ୍ଟମ ଉପରେ ଆଲୋଚନା କରିଥିଲେ। ଡଃ ସୁଧାକର ପଣ୍ଡା ଏହିପରି ଜାତୀୟ ସମ୍ମିଳନୀର ମହତ୍ୱ ଏବଂ ଛାତ୍ରଛାତ୍ରୀମାନଙ୍କୁ ଏହାର ଉତ୍ତମ ଉପଯୋଗ କରିବାକୁ ଉପଦେଶ ଦେଇଥିଲେ । ଡଃ ପରମେଶ୍ୱର ନାୟକ ବ୍ୟବସାୟିକ ବିକାଶ ଉପରେ ଅପରେଶନ ମ୍ୟାନେଜମେଣ୍ଟର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ସମ୍ମିଳନୀର ସଂଯୋଜକ ଡଃ ମଣିଦତ୍ତ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଏହାର ବିଷୟବସ୍ତୁ ସହ ପରିଚିତ କରାଇଥିଲେ। ଡଃ ପ୍ରଦୀପ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

